**Set-II**

# SSC PUBLIC EXAMINATION JUNE-2021

## ODIA - Paper – I & II

**(First Language)**

**[Time: 3 Hrs. 15 Min.** **[Max. Marks: 100**

---

**ଶୀକ୍ଷାର୍ଥୀଙ୍କୁ ସୂଚନା :**

1. ପ୍ରଶ୍ନପତ୍ରରେ ତିନୋଟି ବିଭାଗ ରହିଛି ।
2. ପ୍ରଶ୍ନପତ୍ର ପଢ଼ିବା ପାଇଁ 15 ମିନିଟ୍ ଓ ଉତ୍ତର ଲେଖିବା ପାଇଁ 3 ଘଣ୍ଟା ସମୟ ଦିଆଯାଇଛି ।
3. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ତୁମକୁ ଦିଆଯାଇଥିବା ଖାତାରେ ଲେଖ ।
4. ଉତ୍ତରଗୁଡ଼ିକୁ ସ୍ୱଷ୍ଟ ଓ ସୁନ୍ଦର ଭାବେ ଲେଖ ।
5. ପ୍ରତ୍ୟେକ ପ୍ରଶ୍ନର ନମ୍ବର ଉତ୍ତରର ବାମପାର୍ଶ୍ୱରେ ଲେଖ ।

---

**I. ବୋଧ - ଅନୁଚିନ୍ତନ** **(32 ମାର୍କ)**

**1. ନିମ୍ନୋକ୍ତ ଗୋଟିଏ ପଦ୍ୟାଂଶର ପ୍ରତିପଦାର୍ଥ ଲେଖ ।** **(1 x 8 = 8)**

ବିଭୂତିକି ଭୁଞ୍ଜୁଥିଲୁ ବିଭୂତିଭୂଷଣେ
ବଡ଼କୁଳେ ଜନମି ଶରଣ କି କାରଣେ ଯେ ?
ବୋଲ ଅଙ୍ଗଦକୁ ପିତା ଶତ୍ରୁ ଭକ୍ତି ପୁଣ୍ୟ
ବାଦ ରଚାଇ ପିତୃବ୍ୟ ବାହୁଡ଼ାଅ ସୈନ୍ୟ ଯେ ।

**(କିମ୍ବା)**

ବୋଇଲେ ତାକୁ ପ୍ରଶଂସି, "ତୁମେ ତିମିରବିଧ୍ୱଂସି
ରବି-ଆଗମନ-ଶଂସୀ ହୁଅ ସଂସାରେ,
ତୁମ୍ଭ କୋମଳ ଚରଣ କରେ ଜ୍ୟୋତି ଆହରଣ
ତହିଁ ଯାଉଛି ଶରଣ ଦୃଢ଼ ଆଶାରେ,
ଶୁଭ-ସମ୍ବାଦିନୀ ହୁଅ ରଘୁବଂଶିକେ ।"

**2. ନିମ୍ନୋକ୍ତ ଗୋଟିଏ ପଦ୍ୟାଂଶ ପୂରଣ କରି ସରଳାର୍ଥ ଲେଖ । ।** **(1 x 8 = 8)**

'' ସଙ୍ଗୀତ ଆବେଶେ ........................

..................................................

..................................................

..................................ତା' ନ ଜାଣେ ।

**(କିମ୍ବା)**

''ଜଳ-ସ୍ଥଳ ..................................

..................................................

..................................................

................................. ହ୍ରଦ ଅନ୍ତସ୍ତଳେ ।''

**3. ନିମ୍ନ ଉକ୍ତିଗୁଡ଼ିକୁ ଘଟଣାକ୍ରମରେ ସଜାଇ ଲେଖ ।** **(1 x 8 = 8)**

କ) ସେଥିପାଇଁ ସେମାନଙ୍କୁ ପରାସ୍ତ କରିବାକୁ ହେଲେ ଦୀର୍ଘଦିନ ଧରି ଆମକୁ ଯୁଦ୍ଧ ଚଳାଇ ଯିବାକୁ ପଡ଼ିବ ।

ଖ) ଅଶୋକଙ୍କ ଶିଳାଲେଖ ପଢ଼ିଛନ୍ତି ଅଙ୍ଗଦ ।

ଗ) ଅଙ୍ଗଦ ଚୌଧୁରୀ ଇତିହାସର ଛାତ୍ର ।

ଘ) ମଗଧ ସମ୍ରାଟ ଅଶୋକ ବିପୁଳ ସୈନ୍ୟବାହିନୀ ଧରି କଳିଙ୍ଗ ଆକ୍ରମଣ କରିଛନ୍ତି ।

**4. ନିମ୍ନ ଅପରିଚିତ ଗଦ୍ୟାଂଶଟି ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।** **(4 x 2 = 8)**

''ପ୍ରତିଭା'' ପ୍ରତି ସମ୍ମାନ ପ୍ରତ୍ୟେକ ବ୍ୟକ୍ତି ଓ ଜାତିର କର୍ତ୍ତବ୍ୟ । ପ୍ରତିଭା ନୈସର୍ଗିକ । ଏହା ଭଗବାନଙ୍କର ଆଶୀର୍ବାଦ । ଭାଗ୍ୟବାନ ବ୍ୟକ୍ତି ଏହାର ଅଧିକାରୀ ହୋଇଥାନ୍ତି । ପ୍ରତିଭାର ସମ୍ମାନ ଦେଶ ଓ ଜାତିକୁ ଉନ୍ନତ କରେ । ଏଥିରେ ବ୍ୟତିକ୍ରମ ହେଲେ ଦେଶ ଓ ଜାତି ଉନ୍ନତି କରିପାରେ ନାହିଁ । ସମୟର ସ୍ରୋତରେ କେତେ ପ୍ରତିଭା ପ୍ରକାଶ ପାଉଛି ଓ ଲୀନ ହେଉଛି । କିନ୍ତୁ କେତେକ କୃତବିଦ୍ ଚିର ସ୍ମରଣୀୟ ହୋଇ ରହିଛନ୍ତି । ଯେଉଁ ମହାନ ବ୍ୟକ୍ତି ଏ ଦେଶ ଓ ଜାତିର ସମୃଦ୍ଧି ପାଇଁ ଜୀବନ ଉତ୍ସର୍ଗ କରିଯାଇଛନ୍ତି ଏବଂ ବର୍ତ୍ତମାନ ଯେଉଁମାନେ ସେହି ଦିଗରେ ପ୍ରବୃତ୍ତ ସେମାନଙ୍କର କୀର୍ତ୍ତି ଓ କାର୍ଯ୍ୟକଳାପ ସ୍ମରଣ କରି ସେଥିରୁ ପ୍ରେରଣ ଲାଭ କରିବା ଆମର କର୍ତ୍ତବ୍ୟ । ଭବିଷ୍ୟତ କର୍ମପନ୍ଥାର ଏକ ଉତ୍ସ । ତେଣୁ ଭାରତର ବରପୁତ୍ର ମାନଙ୍କର ଜୀବନୀ ଆଲୋଚନା ଅପରିହାର୍ଯ୍ୟ । ଏହି ମହାନ୍ ବ୍ୟକ୍ତିଙ୍କର ସ୍ମୃତି ଚାରଣ ସଙ୍ଗେସଙ୍ଗେ ବର୍ତ୍ତମାନ ଯେଉଁ ସୁଯୋଗ୍ୟ ସନ୍ତାନମାନେ ସମାଜର ଉନ୍ନତିରେ ବ୍ରତୀ ସେମାନଙ୍କର ଅଭିଜ୍ଞତା ଓ ସଫଳତାର ସୂତ୍ର ଖୋଜି ଆମକୁ ଆଗେଇବାକୁ ପଡ଼ିବ ।

କ)  ପ୍ରତ୍ୟେକ ବ୍ୟକ୍ତି ଓ ଜାତିର କର୍ତ୍ତବ୍ୟ କ'ଣ ?

ଖ)  କେଉଁମାନେ ଚିର ସ୍ମରଣୀୟ ହୋଇ  ରହିଛନ୍ତି ?

ଗ)  କାହାରି ଜୀବନୀ ଆଲୋଚନା ଅପରିହାର୍ଯ୍ୟ  ?

ଘ)  ଏହି ଅନୁଚ୍ଛେଦରୁ ପ୍ରଶ୍ନଟିଏ ତିଆରି କର ।

**II. (ବ୍ୟକ୍ତୀକରଣ- ସୃଜନଶୀଳ ପରିପ୍ରକାଶ)** **(36 ମାର୍କ)**

*** ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଅନ୍ୟୂନ ତିନି କିମ୍ବା ଚାରି ଧାଡ଼ିରେ ଲେଖ ।** **(3 x4 = 12)**

**5.** କବି ସାରଳା ଦାସଙ୍କ ପରିଚୟ ପ୍ରଦାନ କର ।

**6. ''ମାତୃଭାଷା ଓ ଲୋକଶିକ୍ଷା''** ପ୍ରବନ୍ଧର ପୃଷ୍ଠଭୂମି ଲେଖ ।

**7.** ନଟବର ବାବୁଙ୍କ ଦୁଇ ଝିଅର ଚରିତ୍ର ଚିତ୍ରଣ କର।

***ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଅନ୍ୟୂନ ଦଶ କିମ୍ବା ବାର ଧାଡ଼ିରେ ଲେଖ ।** **(3 x8 = 24)**

**8.** ବିଜ୍ଞାନର ବିକଶିତ ରୂପ କିପରି ସଭ୍ୟତାନୁଯାୟୀ ଆଧାରିତ ଓ ପ୍ରଭାବିତ, ତାହା ପଠିତ ପ୍ରବନ୍ଧ ଅନୁସରଣରେ ଆକଳନ କର ।

**(କିମ୍ବା)**

'ଶିକ୍ଷାର ମାଧ୍ୟମ ଇଂରାଜୀ ହେତୁ ମଣିଷ କିପରି ପ୍ରକୃତ ଜ୍ଞାନଲାଭରୁ ବଞ୍ଚିତ ହେଉଛନ୍ତି' - ପଠିତ ପ୍ରବନ୍ଧକୁ ଭିତ୍ତିକରି ଆଲୋଚନା କର ।

**9. 'କୋଣାର୍କ'** ଏକାଙ୍କିକା ଅନୁସରଣରେ ମାଆ ଠାରୁ ପୁଅର ବିଦାୟଜନିତ କାରୁଣ୍ୟ ଦୃଶ୍ୟ କିଭଳି ଚିତ୍ରିତ ହୋଇଛି ଲେଖ ।

**(କିମ୍ବା)**

**ଜାତି ପାଇଁ ବାଳକ ଧରମାର ଆତ୍ମୋତ୍ସର୍ଗ ଅବିସ୍ମରଣୀୟ ।** - ପଠିତ ଏକାଙ୍କିକା ଅବଲମ୍ବନରେ ଆଲୋଚନା କର ।

**10. 'ସ୍ୱଚ୍ଛଭାରତ'** ର ଆବଶ୍ୟକତା ଜଣାଇ ସାଙ୍ଗ ନିକଟକୁ ଏକ ପତ୍ର ଲେଖ ।

**(କିମ୍ବା)**

**'ବୃକ୍ଷରୋପଣ'** ର ଆବଶ୍ୟକତା ବିଷୟରେ ଜନସଚେତନମୂଳକ କରପତ୍ର ଲେଖ ।

**III. ଭାଷା ପ୍ରକରଣ :** **[32 ମାର୍କ ]**

**ନିର୍ଦ୍ଦେଶାନୁସାରେ ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।**

11. ଉତ୍କଳ-କମଳା-ବିଳାସ-ଦୀର୍ଘିକା **(1x2 =2 ମାର୍କ)**

ମରାଳ-ମାଳିନୀ-ନୀଳାମ୍ବୁ-ଚିଲିକା ॥

**[ଏହି ପଦ୍ୟାଂଶରେ କେଉଁ ଅଳଙ୍କାର ପ୍ରଯୁକ୍ତ ହୋଇଛି ଜଣାଇ ତା'ର ଲକ୍ଷଣ ଲେଖ ।]**

12. ଦାଣ୍ଡିବୃତ୍ତ କିମ୍ବା ବଙ୍ଗଳାଶ୍ରୀ ଛନ୍ଦର ଏକ ଉଦାହରଣ ଦିଅ । **(1x2 =2 ମାର୍କ)**

13. କ] "ରଜନୀ ପ୍ରଭାତରେ ଦେଖିଲା ଧୃତିରାଷ୍ଟି **(2x1 =2 ମାର୍କ)**

ପାଞ୍ଚାଳୀ କୁମରଙ୍କର ଶିର ପାଞ୍ଚ ଗୋଟି"

**[ଏହି ପଦ୍ୟାଂଶରେ "ରଜନୀ" ପଦଟିର ଅର୍ଥ ଲେଖ ।]**

ଖ] ମୋର ଜନ୍ମଭୂମି ହିଁ ମାତା, ଧାତ୍ରୀ ଓ ଶିକ୍ଷୟିତ୍ରୀ

**['ଧାତ୍ରୀ' ପଦଟିର ଠିକ୍ ଅର୍ଥ ବାଛିଲେଖ । ]**

ଅ) ମାଉସୀ ଆ) ଧାଈ ଇ) ମାଆ ଈ) ଭଉଣୀ

14. କ] କଳକଣ୍ଠ କଣ୍ଠେ କହିଲା, ଦରଶନ ଦିଅ ସତୀ ରାତି ପାହିଲା । **(2x1 =2 ମାର୍କ)**

**['କଳକଣ୍ଠ' ପଦଟିର ପ୍ରତିଶବ୍ଦ ବାଛି ଲେଖ ।]**

ଅ) କୁଆ ଆ) କାଉ ଇ) କୋଇଲି ଈ) ଶୁଆ

ଖ] ଆଧୁନିକ ମାନବ ବିଜ୍ଞାନକୁ ପଥ ପ୍ରଦର୍ଶନ ରୂପେ ବରଣ କରି ନେଇଛି ।

**['ମାନବ' ଶବ୍ଦଟିର ପ୍ରତିଶବ୍ଦ ଲେଖ ।]**

15. କ] ବିଭୀଷଣେ କହ ଜ୍ୟେଷ୍ଠ ଭ୍ରାତା ପିତା ସରି – **ଏଥିରେ ଥିବା** **(2x1 =2 ମାର୍କ)**

**'ପିତା' ଶବ୍ଦଟିର ଦୁଇଟି ଭିନ୍ନାର୍ଥ ଏହା ହେବ ।**

ଅ) ବାପା, ତିକ୍ତ ଆ) ଦାଦା, ମିଠା

ଇ) କକା, ରାଗ ଈ) ବଡ଼ବାପା, ଖଟା

ଖ] ବେଳୁଁ ବେଳ ବନ ଉଜ୍ଜ୍ୱଳ, ମନ୍ତ୍ରବଳେ ଯେହ୍ନେ ବଢ଼ି ଆସିଲା ବଳ ।

**['ବନ' ଶବ୍ଦଟିର ଦୁଇଟି ଭିନ୍ନାର୍ଥ ଲେଖ ।]**

16. କ] ଏହା ଭିତରେ ମୋର ପୁନର୍ଜନ୍ମ ଘଟିଯାଇଛି । **(2x1 =2 ମାର୍କ)**

**["ପୁନର୍ଜନ୍ମ" ଶବ୍ଦଟିର ସନ୍ଧିବିଚ୍ଛେଦ କର ।]**

ଖ] "ବଞ୍ଚିଲୁ ଅଙ୍ଗଦେ ଅଙ୍ଗ ଦେବାରୁ କି ଧର୍ମେ-

ବଜ୍ରଆଘାତ ସମ ତଳ ପ୍ରହାରିଲା ବ୍ୟୋମ ଯେ "

**[ "ବଜ୍ରାଅଘାତ" ଶବ୍ଦଟିର ସନ୍ଧି ଗଠନ କର ।]**

17. ଭାରତୀୟ ସଭ୍ୟତାର ଆଦର୍ଶ ଥିଲା ତ୍ୟାଗ ଓ ଆତ୍ମସଂଯମ । **(1 ମାର୍କ)**

**["ଭାରତୀୟ" ଶବ୍ଦଟିର ପ୍ରକୃତି ପ୍ରତ୍ୟୟ ଲେଖ । ]**

18. ଉପେନ୍ଦ୍ର ଭଞ୍ଜ ଘୁମୁଷର ରାଜବଂଶରେ ଜନ୍ମଗ୍ରହଣ କରିଥିଲେ । **(1 ମାର୍କ)**

**["ଜନ୍ମ" ଶବ୍ଦଟିର ବିପରୀତାର୍ଥ ଲେଖ । ]**

19. ଭାଗ୍ୟବତୀ ମୋତେ ସଂସାରେ ବୋଲିବେ ତୋ ଯୋଗୁଁ ଏକା ପରଶଂସାରେ । **(1 ମାର୍କ)**

**[ "ଭାଗ୍ୟବତୀ" ଶବ୍ଦଟିର ଲିଙ୍ଗ ପରିବର୍ତ୍ତନ କରି ଲେଖ । ]**

20. ମାନଚିତ୍ର ପଠନ ଦ୍ୱାରା ଭୌଗଳିକ ଜ୍ଞାନ ବୃଦ୍ଧି ହୁଏ । **(1 ମାର୍କ)**

**[ ଏହି ବାକ୍ୟରେ ଥିବା ଅଶୁଦ୍ଧ ଶବ୍ଦଟିକୁ ବାଛି ଶୁଦ୍ଧ କରି ଲେଖ । ]**

21. **ଧର୍ମାନ୍ତର** - ଏହାର ବିଗ୍ରହ ବାକ୍ୟ ଲେଖ । **(1 ମାର୍କ)**

22. ଆକାଶ ଏକ ଲକ୍ଷ ଟଙ୍କାରେ ଜମି କିଣିଲା । ବର୍ଷା ନିଜ ଜୀବନର ଲକ୍ଷ୍ୟ ପଥରେ ଅଗ୍ରସର ହେଲା ।

**[ ରେଖାଙ୍କିତ ପଦ ଦୁଇଟିର ଅର୍ଥ ଲେଖ । ]** **(1 ମାର୍କ)**

23. ପରୀକ୍ଷା ବେଳେ ବହିକିଣା, ବାହାଘର ବେଳେ ବାଇଗଣ ରୁଆ ସହିତ ସମାନ । **(2 ମାର୍କ)**

**[ ବାକ୍ୟର ଥିବା ରୂଢ଼ିଟିକୁ ଚିହ୍ନଟ କରି ଲେଖ । ]**

24. **"ହାତ ଧରିବା"** – ଏହି ରୂଢ଼ିଟି ବ୍ୟବହାର କରି ବାକ୍ୟ ଗଠନ କର । **(2 ମାର୍କ)**

25. ସ୍ୱଭାବ ସହଜରେ ବଦଳେ ନାହିଁ । **(2 ମାର୍କ)**

**[ଏହି ଅର୍ଥର ବ୍ୟବହୃତ ଲୋକବାଣୀଟି ଲେଖ ।]**

26. ଗଛଟି ପାଣିରେ ଜଳିଗଲା । - **ଏହି ବାକ୍ୟରେ କେଉଁ ଲକ୍ଷଣଟିର ଅଭାବ ଅଛି ?** **(1 ମାର୍କ)**

27. ପଣ୍ଡିତ ଶିଷ୍ୟମାନଙ୍କୁ ଉପଦେଶ ଦେଲେ । **(1 ମାର୍କ)**

**[ଏହି ବାକ୍ୟରେ ଥିବା ମୁଖ୍ୟ କର୍ମ ପଦଟିକୁ ବାଛି ଲେଖ ।]**

28. **ନିମ୍ନୋକ୍ତ ବାକ୍ୟ ମଧ୍ୟରୁ ଯୌଗିକ ବାକ୍ୟଟିକୁ ବାଛି ଲେଖ ।** **(1 ମାର୍କ)**

ଅ) ହରିହର ଦରିଦ୍ରମାନଙ୍କର ସେବା କରୁଥିଲେ ।

ଆ) ହାର୍ଦ୍ଦିକ ଗୀତ ଗାଇଲା, କିନ୍ତୁ ପୁରସ୍କାର ପାଇଲା ନାହିଁ ।

ଇ) ଦରକାର ସମୟରେ ଯେ ସାହାଯ୍ୟ କରେ, ତାକୁ ଉପଯୁକ୍ତ ବନ୍ଧୁ କୁହାଯାଏ ।

ଈ) ପ୍ରଣବ ଜଣେ ଶିଳ୍ପୀ ।

29. **ବାକ୍ୟର ପ୍ରକାର୍ଯ୍ୟାତ୍ମକ ରୂପ ଦୃଷ୍ଟିରୁ ନାସ୍ତିସୂଚକ ବାକ୍ୟଟି ଚିହ୍ନଟ କରି ଲେଖ ।** **(1 ମାର୍କ)**

ଅ) ବହି ଖୋଲି ପଢ଼ ।

ଆ) ତୁମେ ପାଠାଗାରରକୁ ଯାଇଥିଲ କି ?

ଇ) ତୁମ କଥାରେ ମୁଁ ଚଳିପାରିବି ନାହିଁ ।

ଈ) ଆଜି ପୃଥିବୀ କରୋନା ମହାମାରୀ ରୋଗରେ ଆକ୍ରାନ୍ତ ।

30. ଅ) ଜେଜେ ଆସିବା ହେତୁ ଆମେ ସମସ୍ତେ ଖୁସି ହେଲୁ । **(1 ମାର୍କ)**

ଆ) ଜେଜେ ଆସିବେ ଓ ଆମେ ସମସ୍ତେ ଖୁସି ହେବୁ ।

ଇ) ଯଦି ଜେଜେ ଆସିବେ, ତେବେ ଆମେ ଖୁସି ହେବୁ ।

ଈ) ଜେଜେ ଆସିବେ କି ନାହିଁ, ଆମେ ଜାଣି ନାହୁଁ ।

**[ବାକ୍ୟର ଗଠନଗତ ରୂପାନ୍ତର ଦୃଷ୍ଟିରୁ ଯୌଗିକ ବାକ୍ୟଟି ଚିହ୍ନଟ କରି ଲେଖ ।]**

31. ଲଙ୍କାରେ ହରି ଶବ୍ଦ ଖୋଜିବା ବୃଥା । **(1ମାର୍କ)**

**[ଏହି ବାକ୍ୟଟିକୁ ବାକ୍ୟର ଅର୍ଥଗତ ରୁପାନ୍ତର ଦୃଷ୍ଟିରୁ ବିସ୍ମୟସୂଚକ ବାକ୍ୟରେ ଲେଖ ।]**

32. ଅନନ୍ତରାମ ଭଲ ଭାଷଣ ଦେଇ ପାରନ୍ତି । **(1ମାର୍କ)**

**[ଏହି କର୍ତ୍ତୃବାଚ୍ୟଟିର କର୍ମବାଚ୍ୟ ଲେଖ ।]**

33. ପବନର ବିପରୀତ ଦିଗରେ ସାଇକେଲ ଚଳାଇବା କଷ୍ଟକର । **(1ମାର୍କ)**

**[ବାକ୍ୟଟିକୁ ସଂକ୍ଷେପରେ ଲେଖିଲେ ଏହା ଠିକ୍ ହେବ ।]**

ଅ) ପବନର ପ୍ରତିକୂଳରେ ସାଇକେଲ ଚାଳନା ସହଜ ।

ଆ) ପବନର ଅନୁକୂଳରେ ସାଇକେଲ ଚାଳନା କଷ୍ଟକର ।

ଇ) ପବନର ପ୍ରତିକୂଳରେ ସାଇକେଲ ଚାଳନା ଅତି ସହଜ ।

ଈ) ପବନର ପ୍ରତିକୂଳରେ ସାଇକେଲ ଚାଳନା କଷ୍ଟକର ।

********